OFFICE OF THE COLECTOR & DISTRICT MAGISTRATE, KALAHANDI

**No.** 323 **/ L.A,** **Date** 11.09.2019

To

**The District Information Officer,**
**N.I.C, Kalahandi**

Sub: - Forwarding of Expert Group Recommendation Copy on SIA Study Report for acquisition of land in 04 villages- Paramanandpur, Bhangabari, Karlakot & Risigaon for construction of "Link Road to N.H-26".

Sir,

In inviting to the subject cited above, I am to forward herewith Expert Group Recommendation Copy on SIA Study Report of above aforesaid project for upload it in the Kalahandi District Portal.

This is for your information and necessary action.

**Encl**:- As above.

Yours faithfully

11/09/19

**Land Acquisition Officer**
**Kalahandi**

**ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର ଠାରେ ଅବସ୍ଥିତ ୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ତା-୨୨.୦୮.୨୦୧୯ରିଖ ମଧ୍ୟାହ୍ନ ଘ. ୧୨.୦୦ ମି. ସମୟରେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକ ବିବରଣୀ ଏବଂ ସୁପାରିଶ ରିପୋର୍ଟ ।**

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର ଠାରେ ଅବସ୍ଥିତ ୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ବୈଠକ ଜିଲ୍ଲାପାଳ,କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୦୧- ଶ୍ରୀ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି - ଅଧ୍ୟକ୍ଷ

୦୨- ଶ୍ରୀ ମିର୍ଜା ଟପ୍ପୋ, ଉପ-ଜିଲ୍ଲାପାଳ, ଭବାନୀପାଟଣା - ଆବାହକ

୦୩- ଶ୍ରୀ ନିର୍ମଳ ଚନ୍ଦ୍ର ବରାଳ, ତହସିଲଦାର, କଳାହାଣ୍ଡି - ସଦସ୍ୟ

୦୪- ଶ୍ରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭବାନୀପାଟଣା - ସଦସ୍ୟ

୦୫- ଇଂ. ଅଜିତ କୁମାର ବାବୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କଳାହାଣ୍ଡି - ସଦସ୍ୟ

୦୬- ଡକ୍ଟର ଅଜୟ କୁମାର ମିଶ୍ର, ଅବସର ପ୍ରାପ୍ତ ରିଡର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୦୭- ଶ୍ରୀ ଜଳଧର ଶତନାମୀ, ଅବସର ପ୍ରାପ୍ତ ରିଡର, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୦୮- ସରପଞ୍ଚ, ମେଦିନୀପୁର ଗ୍ରାମପଞ୍ଚାୟତ - ସଦସ୍ୟ

୦୯- ସରପଞ୍ଚ, କାମଠଣା ଗ୍ରାମପଞ୍ଚାୟତ - ସଦସ୍ୟ

୧୦- ସରପଞ୍ଚ, ମାଲଗାଁ ଗ୍ରାମପଞ୍ଚାୟତ - ସଦସ୍ୟ

୧୦- ସରପଞ୍ଚ, ରିକ୍ଷିଗାଁ ଗ୍ରାମପଞ୍ଚାୟତ - ସଦସ୍ୟ

୧୧- ଶ୍ରୀ ଜିତେନ୍ଦ୍ର କୁମାର ମିଶ୍ର, ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି

୧୨- ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାତ୍ର, ଦଳମୁଖ୍ୟ, ଏ.ଡି.ଆଇ (Team Leader, ADI)

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ ବିଷୟ ବସ୍ତୁ ଓ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।

ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଇଂ. ଅଜିତ କୁମାର ବାବୁ ପ୍ରକଳ୍ପର ଭୌଗଳିକ ରୂପରେଖ ସମ୍ପର୍କରେ ସମସ୍ତଙ୍କୁ ସବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ଯାଇ କହିଥିଲେ :- ଜାତୀୟ ରାଜପଥ ନମ୍ବର-୨୬ ଅଙ୍କାବଙ୍କା ଭାବରେ ଭବାନୀପାଟଣା ମୁନସିପାଲଟି ମଧ ଦେଇ ଅତିକ୍ରମ କରିଛି । ଯାହାର ନିର୍ମାଣ ଅଞ୍ଚଳ ୯.୮୦ କିଲୋମିଟର ଅଟେ । ଭବାନୀପାଟଣା  ସହର ମଧରେ ଏହି ଅଂଶଟିକୁ ଚଉଡା କରିବାକୁ କୌଣସି ସୁବିଧା ନାହିଁ । ଭବାନୀପାଟଣା  ସହର ମଧକୁ ପ୍ରବେଶ କରୁଥିବା ଓ ପ୍ରସ୍ଥାନ କରୁଥିବା ସମସ୍ତ ଯାନବାହାନ ଏହି ରାସ୍ତା ମଧ ଦେଇ ଯାତାୟାତ କରିଥାଏ ଯାହାକି ଅତ୍ୟଧିକ ଭିଡ ସୃଷ୍ଟି କରିଥାଏ । ରାସ୍ତାର ଏହି ଭାଗଟି ବର୍ଷବର୍ଷ  ଧରି ଏକ କଳାଦାଗ ହୋଇ ଆସିଛି ଏବଂ ସର୍ବଦା ଏଠାରେ ଦୁର୍ଘଟଣା ଘଟୁଛି । ଉପରୋକ୍ତ ସମସ୍ୟାକୁ ସମାଧାନ କରିବାକୁ, ପୂର୍ତ୍ତ ବିଭାଗ "୨୦୧୭-୧୮ ବର୍ଷରେ ରାଜ୍ୟ ଯୋଜନା ଅନ୍ତର୍ଭୁକ୍ତ, ୨୬ ନମ୍ବର ଜାତୀୟ ରାଜପଥର ୦/୦ କିଲୋମିଟର ଠାରୁ ୬/୨୦୦ କିଲୋମିଟର ପର୍ଯ୍ୟନ୍ତ ଭବାନୀପାଟଣା ବାଇପାସ ନିର୍ମାଣ" ପ୍ରକଳ୍ପ ନିମନ୍ତେ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ରାସ୍ତା ମୋଟ ୭.୦୦ କିଲୋମିଟର ହେବ । ଏହା ୪ ଲେନ ବିଶିଷ୍ଟ ହେବ । ମଝିରେ ଡିଭାଇଡର ରହିବ । ମୋଟ ୪ ଖଣ୍ଡ ମୌଜାର ୫୫.୧୧୭ ଏକର ଜମି ଅଧିଗ୍ରହଣ ହେବ ।

କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଭବାନୀପାଟଣା ଠାରେ ଜାତୀୟ ରାଜପଥ -୨୬ କୁ ସଂଯୋଗ ପଥ ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧୟନ କରାଯାଇଛି । ଯେଉଁଥିପାଇଁ ୪ ଟି ଗ୍ରାମର ୧୬୨ଟି ପରିବାରର  ସର୍ବେକ୍ଷଣ କରାଯାଇଛି । ସର୍ବେକ୍ଷଣ କରାଯାଇଥିବା ଗ୍ରାମଗୁଡିକରେ ପ୍ରଭାବିତ ପରିବାର ଗୁଡିକ ଠାରୁ ତଥ୍ୟ ସଂଗ୍ରହ କରିବା ସମୟରେ ୪ ପ୍ରକାର କୌଶଳ ଯଥା :- ପରିବାରର ସାକ୍ଷାତକାର ଅନୁସୂଚୀ, ସାଧାରଣ, ସାମାଜିକ ଏବଂ ସଂସ୍କୃତିକ ଭିତ୍ତିଭୂମି କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ନିର୍ଦ୍ଦେଶିକା ସାମାଜିକ ଚିତ୍ର ଓ ସମୂଳ ମାନଚିତ୍ର ଆଦି କୌଶଳ ବ୍ୟବହାର କରଯାଇଥିଲା ବୋଲି SIA ସର୍ଭେ କରିଥିବା ସଂସ୍ଥାର କର୍ମକର୍ତ୍ତା, ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାତ୍ର ସୂଚନା ପ୍ରଦାନ କରିଥିଲେ ।

ପ୍ରକଳ୍ପ ନିର୍ମାଣ ସମୟରେ ସାମୟିକ/ଅସ୍ଥାୟୀ ଶ୍ରମିକ, ପାଣି ପାଇପ ଶ୍ରମିକ ଏବଂ ଯନ୍ତ୍ରି ମାନଙ୍କ ସହିତ ବହୁ ସଂଖ୍ୟକ ଶ୍ରମିକ ମାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ନିର୍ମାଣ ସ୍ଥଳରେ କାର୍ଯ୍ୟ କରିବାର ଆଶା କରାଯାଏ । ନିର୍ମାଣ ସମୟରେ ଅନେକ ଅର୍ଦ୍ଧକୁଶଳୀ,, ଅଣକୁଶଳୀ ଏବଂ ଆନୁଷ୍ଠାନିକ କର୍ମଚାରୀମାନେ ଲାଭଜନକ ନିଯୁକ୍ତି ସବୁ ପାଇବାର ଆଶା କରାଯାଏ । ନିଯୁକ୍ତି ସୁଯୋଗର ଉପଲବ୍ଧତା ଓ ମାଲପତ୍ର ଓ ସେବାର ଦାବି ହେତୁ ପ୍ରଭାବଟି ସକାରାତ୍ମକ ହେବ ବୋଲି ସମାଜ ବିଜ୍ଞାନୀ, ଡ: ଅଜୟ କୁମାର ମିଶ୍ର ମତ ପ୍ରକାଶ କରିଥିଲେ ।

ଉପରୋକ୍ତ ବିଷୟ ସବୁ ଆଲୋଚନା କଲାପରେ କମିଟି ନିମ୍ନଲିଖିତ କେତେକ ମୁଖ୍ୟ ବିଷୟ ବସ୍ତୁ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ ବୋଲି ସୁପାରିଶ କରିଥିଲେ ।

** କ୍ଷତିପୂରଣ ପ୍ରଦାନ** :- ପ୍ରଭାବିତ ପରିବାରର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ଯାହା ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବ ।

**ବୃକ୍ଷ ରୋପଣ** :- ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ନୂତନ ଭାବରେ ନିର୍ମାଣ ହେଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ପାଇଁ ପ୍ରକଳ୍ପ ଅଧିକାରୀମାନେ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ ।

**ଜଳବନ୍ଦୀ ସମସ୍ୟା** :- ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ଜଳବନ୍ଦୀ ସମସ୍ୟା ସମାଧାନ ହେବ ଆବଶ୍ୟକ ।

**ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଯୋଜନା** :- ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆୟକାରୀ ଯୋଜନା ଯୋଗାଇଦେବା ଆବଶ୍ୟକ ।

ଲୋକମାନଙ୍କୁ କେତେକ ସାଧାରଣ ସୁବିଧା ସୁଯୋଗ ଯଥା :- ନଳକୂପ ଖନନ, ରାସ୍ତା ଆଲୋକିକରଣ, କ୍ଲବଘର ନିର୍ମାଣ, ଭାଗବତ ଟୁଙ୍ଗି ଓ ଡାକ୍ତରଖାନା ସୁବିଧା ଆଦି ଗ୍ରାମରେ ଯୋଗାଇଦେବା ଉଚିତ ।

ସମାଜ ବିଜ୍ଞାନୀ, ଡ. ଅଜୟ କୁମାର ମିଶ୍ର ଓ ଶ୍ରୀ ଜୟଧର ଶତନାମୀ ନିଜର ମତାମତ ଦେବାକୁ ଯାଇ କହିଥିଲେ ଯେ :- ପ୍ରସ୍ତାବିତ ଏହି ପ୍ରକଳ୍ପ ଦ୍ୱାରା ଅନେକ ଉପକାରୀ ପ୍ରଭାବ ରହିଛି । ଅଞ୍ଚଳ ନିମନ୍ତେ ପ୍ରସ୍ତାବିତ ଶକ୍ତି, ଜଳ କାରଖାନା ଏବଂ ଖଣିଜ କ୍ଷେତ୍ରରେ କାର୍ଯ୍ୟକ୍ରମର ବୃଦ୍ଧି ହେତୁ ଉତ୍ପନ୍ନ ହେବାକୁଥିବା ଯାନବାହାନର ଭିତର ପରିମାଣକୁ ଏହି ବାଇପାସ ରାସ୍ତା ସମ୍ଭାଳିବାକୁ ସକ୍ଷମ ହେବ । ଏହା ଯାତାୟାତ ସମୟ, ଯାନବାହାନ ଚଳାଚଳ ଗତ ବାୟୁ ପ୍ରଦୂଷଣ, ଦୁର୍ଘଟଣା ଆଦି ହ୍ରାସ କରିବାରେ ସକ୍ଷମ ହେବ । ପରିବର୍ତ୍ତିତ ଗମନାଗମନ ବ୍ୟବସ୍ଥା ତଥା ଉତ୍ତମ ଉପଲବ୍ଧି ଏବଂ ଭବାନୀପାଟଣା ବାଇପାସ ରାସ୍ତାର ଆଖପାଖ ଅଞ୍ଚଳରେ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ।

ନିଯୁକ୍ତି ସୁବିଧା ସୁଯୋଗ ଏବଂ ସେବା ତଥା କଞ୍ଚାମାଲ ସବୁ ପ୍ରତି ଚାହିଦା ବୃଦ୍ଧି ହେତୁ ପ୍ରଭାବଟି ସକାରାତ୍ମକ ଅଟେ । ପ୍ରକଳ୍ପର କାର୍ଯ୍ୟକ୍ଷମ ପର୍ଯ୍ୟାୟରେ ଘଟିବାକୁ ଯାଉଥିବା ପ୍ରଭାବ ଗୁଡିକ ଦୀର୍ଘକାଳୀନ ହେବ । ସ୍ଥାନୀୟ ବଜାର ଦର ଅନୁସାରେ ଉପଯୁକ୍ତ କ୍ଷତିପୂରଣ ଏବଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୋକମାନଙ୍କୁ ନିଯୋଜିତ କରାଯାଉ ବୋଲି ଉପସ୍ଥିତ ସରପଞ୍ଚମାନେ ମତ ଦେଇଥିଲେ ।

ଜନଶୁଣାଣି :-

ଯେଉଁ ୪ ଟି ଗ୍ରାମରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଅଧିକାଂଶ ଗ୍ରାମବାସୀ ଯେଉଁମାନେ ଜମି ହରାଉଛନ୍ତି ସେମାନେ ସ୍ୱାଧୀନଭାବେ ନିଜର ଦାବି ଉପସ୍ଥାପନ କରିଥିଲେ, ସେମାନଙ୍କ ମୁଖ୍ୟ ଦାବି ଗୁଡିକ ହେଲା :-

୦୧- ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ନିର୍ଦ୍ଧାରିତ ସମୟସୀମା ଭିତରେ ତାହାର ଆବଣ୍ଟନ ।
୦୨- ଜଳବନ୍ଦୀ ସମସ୍ୟାର ନିରାକରଣ ।
୦୩- କ୍ଷତିଗ୍ରସ୍ତ ପ୍ରଜାମାନଙ୍କର ଉଚିତ ଥଇଥାନ ବ୍ୟବସ୍ଥା ଗ୍ରହଣ କରାଯାଉ ।
୦୪- ଯାହାର ଘର ଯାଉଛି, ତା'କୁ ଉଚିତ କ୍ଷତିପୂରଣ ଦିଆଯାଉ ।
୦୫- ଗ୍ରାମର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଉ ।
୦୬- ପିଇବା ପାଣି ଏକ ମୁଖ୍ୟ ସମସ୍ୟା, ତା'କୁ ଦୂର କରିବାପାଇଁ ପଦକ୍ଷେପ ନିଆଯାଉ ।
୦୭- ଭବାନୀପାଟଣାକୁ ଲାଗିକି ରହିଥିଲେ ମଧ୍ୟ ପ୍ରକଳ୍ପ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟର ଆଖିଦୃଷ୍ଟିଆ ଉନ୍ନତି ହୋଇନାହିଁ, ତା' ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ।
୦୮- ପାହାଡପାର୍ଶ୍ୱରେ ବହୁଲୋକଙ୍କର ଜମି ପଟ୍ଟା ନାହିଁ, ତାଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉ ।
୦୯- ଗ୍ରାମରେ ଶିବମନ୍ଦିର ଓ ଭାଗବତ ଟୁଙ୍ଗୀ ନିର୍ମାଣ କରାଯାଉ ।
୧୦- ଜମି ବଦଳରେ ଜମି ଦିଆଯାଉ ।
୧୧- ଯେଉଁଠି ରାସ୍ତା ନିର୍ମାଣରେ ଦେବୀଘର କ୍ଷତିଗ୍ରସ୍ତ ହେଉଛି, ଦେବୀଘର ନିର୍ମାଣ ପାଇଁ ସ୍ୱତନ୍ତ୍ର ଜମି ଦିଆଯାଉ ।
୧୨- ଗ୍ରାମରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉ ।

କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଦାବୀ ସମ୍ପର୍କରେ କମିଟି ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା ପରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ ଯେ :- RFCTLA R&R Act'2013 ଯାହା ୨୦୧୪ ରୁ ଲାଗୁ କରାଯାଇଛି ତାହା ସମ୍ପୂର୍ଣ୍ଣରୂପେ ଏକ ଜନମଙ୍ଗଳକାରୀ ଆଇନ । ଏଥିରେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କର ସମସ୍ତ ଦିଗ ପ୍ରତି ଧ୍ୟାନ ଦିଆଯାଇଛି । ତା' ସହ ପ୍ରକଳ୍ପ କ୍ଷତିଗ୍ରସ୍ତ ଲୋକମାନଙ୍କ ପୁନର୍ବାସ ଓ ଥଇଥାନକୁ ଅଗ୍ରାଧିକାର ଦିଆଯାଇଛି । ତେଣୁ ସରକାରଙ୍କ ଦ୍ୱାରା ପ୍ରଣୀତ ଏହି ଆଇନ ଅନୁସାରେ ସମସ୍ତେ କ୍ଷତିପୂରଣର ଉଚିତ ମୂଲ୍ୟ ପାଇବେ ।

ତା'ଛଡା ଗ୍ରାମବାସୀମାନେ ଦେଇଥିବା ଅନେକ ଅଭିନବୀକରଣ କଳ୍ପନା ଗୁଡ଼ିକୁ କମିଟି ପକ୍ଷରୁ ସ୍ୱାଗତ କରଯାଇଥିଲା, ଏବଂ ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ସେହି ଅଞ୍ଚଳର ଲୋକମାନେ ଓ ମୋଟାମୋଟି ଭାବରେ ଦେଖିବାକୁ କଳାହାଣ୍ଡି ବାସୀ ଅନେକ ଉପକୃତ ହେବେବୋଲି ସଦସ୍ୟମାନେ ମତ ପୋଷଣ କରିଥିଲେ ।

କମିଟି ଦ୍ୱାରା ପ୍ରକଳ୍ପର ସମସ୍ତ ଦିଗ ଉପରେ ବିସ୍ତାର ଆଲୋଚନା ପରେ ସମସ୍ତେ ଏହି ନିର୍ଯ୍ୟାସରେ ଉପନୀତ ହେଲେ ଯେ :-

୦୧ - ଏହି ପ୍ରକଳ୍ପ ଦ୍ୱାରା ସେହି ଅଞ୍ଚଳ ଓ ଅଞ୍ଚଳବାସୀ ଅନେକ ମାତ୍ରାରେ ଉପକୃତ ହେବେ ଏବଂ ସହରର ଆର୍ଥିକ ବିକାଶରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହେବ ।

୦୨- ଏବଂ ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳ ଓ ଅଞ୍ଚଳବାସୀଙ୍କୁ ମିଳୁଥିବା ଲାଭ ତୁଳନାରେ କ୍ଷତି ପରିମାଣ ଅତି ନଗଣ୍ୟ ।

ତେଣୁ ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଏହି ପ୍ରକଳ୍ପ ଏକାନ୍ତ ଆବଶ୍ୟକ ଓ ସ୍ୱାଗତଯୋଗ୍ୟ, ତେଣୁ ଏଥିପାଇଁ ଭୂମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉବୋଲି କମିଟିର ସମସ୍ତ ସଦସ୍ୟ ଏକ ସ୍ୱରରେ କହିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ଏଥିପାଇଁ ସମସ୍ତଙ୍କର ସହଯୋଗ ଓ ସଦିଚ୍ଛା କାମନା କରିଥିଲେ ।

ଶେଷରେ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ସମସ୍ତଙ୍କୁ ସେମାନଙ୍କର ସକ୍ରିୟ ଯୋଗଦାନ ତଥା ସ୍ୱାଧୀନ ମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ବିଶେଷଜ୍ଞ କମିଟି , କଳାହାଣ୍ଡି

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଭବାନୀପାଟଣା

ତହସିଲଦାର
କଳାହାଣ୍ଡି

ଉପ-ଜିଲ୍ଲାପାଳ
ଭବାନୀପାଟଣା

ଭୂ-ଅର୍ଜନ ଅଧିକାରୀ
କଳାହାଣ୍ଡି

କାର୍ଯ୍ୟନିର୍ବାହୀ ଯନ୍ତ୍ରି
ପୂର୍ତ୍ତ ବିଭାଗ,କଳାହାଣ୍ଡି

ଡ. ଅଜୟ କୁମାର ମିଶ୍ର,
ଅବସର ପ୍ରାପ୍ତ ରିଡର (ଭୂଗୋଳ),
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,

ଶ୍ରୀ ଜୟଧର ଶତପଥୀ,
ଅବସର ପ୍ରାପ୍ତ ରିଡର (ଅର୍ଥନୀତି),
ସରକାରୀ ମହିଳା ମହାବିଦ୍ୟାଳୟ,

ସରପଞ୍ଚ, ମେଦିନୀପୁର
ଗ୍ରାମ ପଞ୍ଚାୟତ

ସରପଞ୍ଚ, କାମଠଣା
ଗ୍ରାମ ପଞ୍ଚାୟତ

ସରପଞ୍ଚ, ମାଳଗାଁ
ଗ୍ରାମ ପଞ୍ଚାୟତ

ସରପଞ୍ଚ, ରିଷିଗାଁ
ଗ୍ରାମ ପଞ୍ଚାୟତ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଳାହାଣ୍ଡି,ଭୂ-ଅର୍ଜନ ଶାଖା,ଭବାନୀପାଟଣା

ଜ୍ଞାପକ ସଂଖ୍ୟା ୨୦୫ ତା - ୨୭.୦୫.୨୦୧୭

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ସହ SIA (ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ) ରିପୋର୍ଟ, SIMP (ସାମାଜିକ ପ୍ରଭାବ ପରିଚାଳନା ଯୋଜନା) ରିପୋର୍ଟ ର ଏକକିତା ଲେଖାଏଁ ନକଲ ଜିଲ୍ଲାପାଳ, କଳାହାଣ୍ଡି, ଉପ-ଜିଲ୍ଲାପାଳ, ଭବାନୀପାଟଣା, ତହସିଲଦାର, କଳାହାଣ୍ଡି, ସରପଞ୍ଚ, ମେଦିନୀପୁର/ କାମଠଣା/ମାଲଗାଁ/ରିଷିଗାଁ ଗ୍ରାମ ପଞ୍ଚାୟତଙ୍କ ଅବଗତି ତଥା ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ସହ SIA (ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ) ରିପୋର୍ଟ, SIMP (ସାମାଜିକ ପ୍ରଭାବ ପରିଚାଳନା ଯୋଜନା) ରିପୋର୍ଟ ର ଏକକିତା ଲେଖାଏଁ ନକଲ ପରମାନନ୍ଦପୁର, ଭଙ୍ଗାବାରି, କର୍ଲାକୋଟ ଓ ରିଷିଗାଁ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୭/୦୫/୧୭

ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,
ଭବାନୀପାଟଣା

Received Sub-Collector's Office Bh. patna
11.9.19
JRA

Hiradhan Meher
RAM MEHER

Received copy
Tahasil, Kalahandi
11.9.19
JRA

Sarpanch 27.9.2019
Medinipur G.P.

Sarapanch 27/9/2019
Kamthana G.P

Naleen Naik
Suprav Kumar Nanda

Taneswar Kheir
Sarapanch Dt-7.09.2019
Risigaon G.P.

Dt. 07.09.19
(Sarpanch Malgaon G.P)

ମାନନୀୟେଷୁ,

ଶ୍ରୀଯୁକ୍ତ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ଆଦ୍ୟ ତା-07-09-19 ରିଖ ଦିନ ଚକଚିତା ଲେଖାଚ ନକଲୁ ଉପଜିଲ୍ଲାପାଳ - ଭବାନୀପାଟଣା, ତହସିଲଦାର କଳାହାଣ୍ଡି ସରପଞ୍ଚ ମେଦିନୀପୁର) କାମଠଣା / ମାଲୁଗାଁ / ଛିଣାଗାଁ ଙ୍କୁ ନୋଟିସ ପ୍ରଦାନ କରି ତଥା ତଳରେ ସ୍ୱାକ୍ଷର କରିଥିବା ଗ୍ରାମବାସୀ ଙ୍କ ସମ୍ମୁଖରେ ଗ୍ରାମ ର ମଧ୍ୟ ସ୍ଥଳରେ ଚକଚିତା ନୋଟିସ ଲୁଟିକା ଜାରି କରି, ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆପଣଙ୍କ ନିକଟକୁ ଫେରାଉଛି।

ଚକଚିତା ନକଲୁ ଜିଲ୍ଲାପାଳ, କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡରେ ଲୁଟିକା ଜାରି କରି।

ଶୁଦ୍ଧି
ଆପଣଙ୍କ ବିଶ୍ୱସ୍ତ

Land Acquisition Officer
KALAHANDI

# କାର୍ଯ୍ୟନିର୍ବାହୀ ସାରାଂଶ

ଅଧ୍ୟୟନ- କଳାହାଣ୍ଡି ଜିଲ୍ଲାର କଳାହାଣ୍ଡି ତହସିଲ ଅନ୍ତର୍ଗତ ଭବାନିପାଟଣାଠାରେ ଜାତୀୟ ରାଜପଥ-୨୬ କୁ ସଂଯୋଗ ପଥ ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ।

**ଅଧ୍ୟୟନର ପଦ୍ଧତି**

କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ପରିସର ଆଧାରରେ ଉଭୟ 'ଜନଗଣନା ସର୍ଭେ ପଦ୍ଧତି' ଏବଂ 'ନମୁନା ସର୍ବେକ୍ଷଣ ପଦ୍ଧତି' ଅନୁସରଣ କରାଯାଇଛି । ଗ୍ରହଣ କରାଯାଇଥିବା ପ୍ରକ୍ରିୟା ମଧ୍ୟରେ ପ୍ରାସଙ୍ଗିକ ଦସ୍ତାବିଜଗୁଡିକର ସମୀକ୍ଷା, ପରିବର୍ତ୍ତିତ ପରିବାରର ଚିହ୍ନଟ, ପରିବାରର ତଥ୍ୟ ସଂଗ୍ରହ, ଲୋକମାନଙ୍କ ସହ ବିଚାର ବିମର୍ଶ, ପରିବାର ସହ ସାକ୍ଷାତକାର, ପ୍ରଭାବିତ ଲୋକମାନଙ୍କ ମତାମତ ଜାଣିବା ପାଇଁ ଜନ ଶୁଣାଣି ଏବଂ ବିବରଣୀ ଦାଖଲ ନିମନ୍ତେ ଅନ୍ତିମ ରୂପ ପ୍ରଦାନ । ସର୍ବେକ୍ଷଣ କରାଯାଇଥିବା ଗ୍ରାମଗୁଡିକରେ ପ୍ରଭାବିତ ପରିବାରଗୁଡ଼ିକ ଠାରୁ ତଥ୍ୟ ସଂଗ୍ରହ କରିବା ସମୟରେ ୪ ପ୍ରକାର କୌଶଳ ଯଥା; ପରିବାରର ସାକ୍ଷାତକାର ଅନୁସୂଚୀ, ସାଧାରଣ, ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ନିର୍ଦ୍ଦେଶିକା ସାମାଜିକ ଚିତ୍ର ଓ ସମ୍ବଳ ମାନଚିତ୍ର ଆଦି କୌଶଳ ବ୍ୟବହାର କରାଯାଇଥିଲା ।

**<u>ଅଧ୍ୟୟନରୁ ଉପଲବ୍ଧ ତଥ୍ୟ</u>**

ପ୍ରଭାବିତ ପରିବାରର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର

କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଭବାନିପାଟଣାଠାରେ ଜାତୀୟ ରାଜପଥ-୨୬ କୁ ସଂଯୋଗ ପଥ ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି, ଯେଉଁଥିପାଇଁ ୪ ଟି ଗ୍ରାମର ୧୬୨ ଟି ପରିବାରର ସର୍ବେକ୍ଷଣ କରାଯାଇଛି । ବର୍ତ୍ତମାନର ଏହି ସର୍ବେକ୍ଷଣରୁ ଜଣା ପଡୁଛି ଯେ, ସମୁଦାୟ ୧୬୨ଟି ପରିବାର ମଧ୍ୟରୁ ୧୩୮ ଟି (୮୫.୧୯%) ପୁରୁଷମୁଖ୍ୟ ପରିବାର ଏବଂ ୨୪ (୧୪.୮୧%) ଟି ମହିଳାମୁଖ୍ୟ ପରିବାର ଅଟେ । ଲିଙ୍ଗଗତ ବିଭାଜନର ବିବରଣୀରୁ ଏହା ଜଣା ପଡୁଛି ଯେ, ସମୁଦାୟ ୮୦୬ ଜଣ ପ୍ରଭାବିତ ସଦସ୍ୟଙ୍କ ମଧ୍ୟରୁ ୪୧୭ଜଣ (୫୧.୭୪%) ପୁରୁଷ ହୋଇଥିବା ବେଳେ ୩୮୯ ଜଣ (୪୮.୨୬%) ମହିଳା ଅଟନ୍ତି ।

ସର୍ବେକ୍ଷଣ କରାଯାଇଥିବା ସମୁଦାୟ ପରିବାର ମଧ୍ୟରୁ ସର୍ବାଧିକ ସଂଖ୍ୟକ (୪୮.୧୫%) ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ଅଟନ୍ତି ତା ପଛକୁ ସାଧାରଣ ବର୍ଗର (୨୩.୪୬%) ଟି ପରିବାର ଅନୁସୂଚିତ ଜନଜାତି ବର୍ଗର ୨୨.୮୪% ଏବଂ ଅନୁସୂଚିତ ଜାତି ବର୍ଗର ୫.୫୬% ପରିବାର ବାସ କରନ୍ତି । ଗ୍ରାମରେ ପ୍ରାୟ ୧୬% ପରିବାର ବିପଦ ସଂକୁଳ ସ୍ଥିତିରେ ଅଛନ୍ତି, ସେମାନଙ୍କ ମଧ୍ୟରୁ ମହିଳା ମୁଖ୍ୟ ପରିବାର ୧୪.୮୧ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା

ପରିବାର୧.୨୩ । ପ୍ରଭାବିତ ଲୋକମାନଙ୍କର ସାକ୍ଷରତା ହାର ଉଚ୍ଚ ସ୍ତରରେ ଅର୍ଥାତ ୮୬.୯୨% ଅଛି ଯାହାକି ୨୦୧୧ ଜନଗଣନା ଅନୁସାରେ ରାଜ୍ୟର ସାକ୍ଷରତା ହାର ୭୩.୫% ଠାରୁ ଅଧିକ ଅଟେ ।

ସମୁଦାୟ ପ୍ରଭାବିତ ଲୋକମାନଙ୍କ ମଧ୍ୟରୁ, ସର୍ବାଧିକ ପ୍ରତିଶତ ଅର୍ଥାତ ୪୫.୩୩% ଚାଷୀ ତା ପଛକୁ ୨୧.୮୦% ଚାକିରୀରେ, ୧୮.୩୪% ଦିନ ମଜୁରୀଆ ହିସାବରେ କାର୍ଯ୍ୟ କରୁଛନ୍ତି, ୧୦.୩୮% ଛୋଟ ଛୋଟ ବ୍ୟବସାୟ କାର୍ଯ୍ୟରେ ଏବଂ ୪-୫% କୃଷି ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତ । ଗ୍ରହଣୀୟ ପେଶା ଆଧାରରେ ଜଣାଗଲା ଯେ ପ୍ରଭାବିତ ପରିବାର ମଧ୍ୟରୁ ୩.୩% ବାର୍ଷିକ ୬୦୦୦୦ ଟଙ୍କାରୁ କମ୍ ଆୟ କରିଥାନ୍ତି ।

ପ୍ରକଳ୍ପ ପ୍ରଭାବିତ ପରିବାରର  ବାସ କରୁଥିବା ଲୋକମାନଙ୍କର ନିଜର ଭାସଗୃହ ଅଛି ଯାହାକି ବିଭିନ୍ନ ପ୍ରକାରର । ସମୁଦାୟ ବାସଗୃହ ମଧ୍ୟରୁ ୪୭.୫୩% ଘରର ଛାତ କଂକ୍ରୀଟରେ ନିର୍ମାଣ ହୋଇଥିବା ସ୍ଥଳେ ୨୧.୬୦% ଘରର ଛାତ ଆଜ୍‌ବେଷ୍ଟସ୍ ଏବଂ ୧୭.୨୮% ଘରର ଛାତ ଟାଇଲ ଛପର ଏବଂ ୧୩.୫୮% ଘରର ଛାତ ଟାଳ ଛପର ଅଟେ ।

ବାସଗୃହରେ ଉପଲବ୍ଧ ବିଭିନ୍ନ ନାଗରିକ ସୁବିଧା ପ୍ରଦର୍ଶିତ କରୁଛି ଯେ, ୨୪.୬୯% ପରବାରରେ ଗୃହପାଳିତ ପଶୁମାନଙ୍କ ନିମନ୍ତେ ଅଲଗା ସ୍ଥାନ ଥିବାବେଳେ, ୬୮.୫୨% ଲୋକଙ୍କର ଘରଭିତରେ ଗାଧୁଆ ଘର, ୮୬.୪୨% ଲୋକଙ୍କର ଘରଭିତରେ ପାଇଖାନା, ୬୭.୨୮% ଲୋକଙ୍କର ଘରଭିତରେ ଧୁଆଁଧୁଇଁ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ଏବଂ ୯୨.୫୯% ଲୋକଙ୍କ ଘରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଅଛି । ପାନୀୟଜଳର ଉତ୍ସ ବିଷୟରେ ଆଲୋଚନାରୁ ଅବଗତ ହେଲା ଯେ , ୬୭.୨୮% ପ୍ରଭାବିତ ପରିବାର ନଳକୂଅ ଉପରେ ନିର୍ଭର କରନ୍ତି ଏବଂ ୩୨.୭୨% ପରିବାର ନିକଟରେ ପାଇପ ଜଳ ଉପଲବ୍ଧ ହୋଇଥାଏ ।

ସର୍ବେକ୍ଷଣରୁ ଜଣାଗଲା ଯେ, ପ୍ରଭାବିତ ପରିବାରର ପ୍ରାୟ ୩୩.୯୫% ମହିଳା ଗୋଷ୍ଠି ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ହୁଅନ୍ତି । ପଞ୍ଚାୟତ କର୍ମକର୍ତ୍ତା ହିସାବରେ କୌଣସି ମହିଳା କାର୍ଯ୍ୟ କରୁନାହାନ୍ତି । ୧%ରୁ ମଧ କମ୍ ମହିଳା ଅଙ୍ଗନବାଡି କର୍ମି ହିସାବରେ କାର୍ଯ୍ୟ କରୁଛନ୍ତି । ଏତଦ୍‌ବ୍ୟତିତ ୪୬.୯୧% ପରିବାରରେ ମହିଳାମାନେ ଏସ୍ ଏଚ୍ ଜି ରେ ସଭ୍ୟା ଅଛନ୍ତି ଏବଂ ସେମାନେ ପ୍ରତ୍ୟକ୍ଷ ଭାବରେ ପରିବାରକୁ ଆର୍ଥିକ ସହଯୋଗ ପ୍ରଦାନ କରନ୍ତି ।

ଜମିର ଆକଳନ

ପ୍ରଭାବିତ ପରିବାର ନିକଟରେ ଥିବା ସମୁଦାୟ ଜମିର ପରିମାଣ ୬୮୫.୩୩ ଏକର ସେଥିରୁ ବ୍ୟକ୍ତିଗତ ଜମିର ପରିମାଣ ୬୬୫.୨୧ ଏକର ଏବଂ ସରକାରୀ ଜମିର ପରିମାଣ ୦.୧୫ ଏକର ଏବଂ ଧର୍ମ ଅନୁଷ୍ଠାନର ଜମି ୦.୮୮ ଏକର । ପ୍ରଭାବିତ ଗ୍ରାମରେ କୌଣସି ଜଙ୍ଗଲ ଜମି ବା ଗୋଷ୍ଠି ସମ୍ପତ୍ତି ନାହିଁ । ମାଲିକାନରେ ଥିବା ସମୁଦାୟ ଜମି ମଧ୍ୟରୁ, ୧୬୩.୨୨ ଏକର ଜଳସେଚିତ ଜମି, ୪୬୫.୪୭ ଏକର ଅଣ ଜଳସେଚିତ ଜମି, ୨୨.୬୫ ଏକର ପତିତ ଜମି ଏବଂ ୪.୯୬ ଏକର ଅନ୍ୟାନ୍ୟ କିସମର ଜମି ଅଟେ ।

ଜମି ବ୍ୟବହାରର ସ୍ଥିତି ସୂଚିତ କରୁଛି ଯେ, ସମୁଦାୟ ୬୮୫.୩୩ ଏକର ଜମି ମଧ୍ୟରୁ ୫୭୭.୩୧% ଏକର (୮୪.୨୧%) ଜମି ଚାଷ କାର୍ଯ୍ୟରେ ବ୍ୟବହାର କରାଯାଏ, ୪୧.୯୬ (୯.୦୪%) ଏକର ଫଳ ଗଛ ଲଗାଇବାରେ, ୧୬.୦୯ ଏକର (୨.୩୫%) ବାସଗୃହ ଜମି ହିସାବରେ, ୧.୯୩ (୦.୨୮%) ବ୍ୟବସାୟିକ କାର୍ଯ୍ୟରେ, ୧୦ (୧.୪୬%) ବନିକରଣ କାର୍ଯ୍ୟରେ, ୦.୪୨ (୦.୦୬%) ଅନ୍ୟାନ୍ୟ କାର୍ଯ୍ୟରେ ଏବଂ ୧୭.୬୨ ଏକର (୨.୫୭%) ପତିତ ଆକାରରେ ରହିଥାଏ ।

ଆଗାମି ପ୍ରକଳ୍ପ ହେତୁ, ପ୍ରଭାବିତ ପରିବାରର ମାଲିକାନାରେ ଥିବା ସମୁଦାୟ ୬୮୫.୩୩ ଏକର ଜମି ମଧ୍ୟରୁ ୨୬୭.୪୮% ଏକର ଜମି ପ୍ରଭାବିତ ହେବ ଏବଂ ୫୫.୧୧୭ ଏକର ଜମି ଅଧିଗ୍ରହଣ କରାଯିବ । ଏହା ମାଲିକାନାରେ ଥିବା ସମୁଦାୟ ଜମିର ୮.୦୪% କ୍ଷତି ଏବଂ ପ୍ରଭାବିତ ଜମିର ୨୦.୬୧% କ୍ଷତି ।

**ପ୍ରକଳ୍ପର ପ୍ରଭାବ**

ଜମିକ୍ଷତି ପରିବାରର ଆୟ ଓ ଜୀବିକାକୁ ପ୍ରଭାବିତ କରିବ ଏବଂ କେତେକ ପରିବାର ତାଙ୍କ ଜମିର ଏକ ମହତ୍ତ୍ୱପୂର୍ଣ୍ଣ ଭାଗ ହରାଇପାରନ୍ତି କେତେକ ପରିବାର ସାମାନ୍ୟ ଭାବରେ ପ୍ରଭାବିତ ହୋଇପାରନ୍ତି । ଏହି ସମସ୍ୟାକୁ ପ୍ରଶମନ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ, ଯଦ୍ୱାରାକି ପ୍ରକଳ୍ପ ପ୍ରଭାବିତ ପରିବାର ଅତିରିକ୍ତ ଜମି କିଣି କୃଷି ସମ୍ପର୍କିତ ଜୀବିକାକୁ ବଜାୟ ରଖିପାରିବେ ।

ପ୍ରକଳ୍ପ ନିର୍ମାଣ ସମୟରେ ସାମୟିକ / ଅସ୍ଥାୟୀ ଶ୍ରମିକ. ପାଣି ପାଇପ ଶ୍ରମିକ ଏବଂ ଯନ୍ତ୍ରୀ ମାନଙ୍କ ସହିତ ବହୁ ସଂଖ୍ୟକ ଶ୍ରମିକମାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ନିର୍ମାଣ ସ୍ଥଳରେ କାର୍ଯ୍ୟ କରିବାର ଆଶା କରାଯାଏ । ନିର୍ମାଣ ସମୟରେ ଅନେକ ଅର୍ଦ୍ଧ କୁଶଳୀ, ଅଣକୁଶଳୀ ଏବଂ ଆନୁଷ୍ଠାନିକ କର୍ମଚାରୀମାନେ ଲାଭଜନକ ନିଯୁକ୍ତି ସବୁ ପାଇବାର ଆଶା କରାଯାଏ । ନିଯୁକ୍ତି ସୁଯୋଗର ଉପଲବ୍ଧତା ଏବଂ ମାଲପତ୍ର ଓ ସେବା ର ଦାବି ହେତୁ ହେତୁ ପ୍ରଭାବଟି ସକାରାତ୍ମକ ହେବ ।

କଳାହାଣ୍ଡି ଜିଲ୍ଲାର ଭବାନିପାଟଣାଠାରେ ଜାତୀୟ ରାଜପଥ-୨୬ କୁ ସଂଯୋଗ ପଥ ନିର୍ମାଣ ସମୟରେ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ନିୟୋଜିତ କରିବ । ପ୍ରକଳ୍ପ ଅଞ୍ଚଳରେ ବାହ୍ୟ ଶ୍ରମିକମାନଙ୍କର ଆଗମନ ଯୋଗୁ ସଂକ୍ରମଣଶୀଳ ରୋଗ ସବୁର ଉପକ୍ରମ ଏବଂ/କିମ୍ବା ବ୍ୟାପକତାର ହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଅଛି । ସ୍ଥାନୀୟ ଅଞ୍ଚଳରେ ସଂକ୍ରମଣଶୀଳ ରୋଗ ବୃଦ୍ଧିର କାରଣ ହେତୁ ପ୍ରଭାବଟିକୁ ନକରାତ୍ମକ ବୋଲି ବିବେଚନା କରାଯାଇପାରେ ।

ପ୍ରକଳ୍ପ ହେତୁ ନିର୍ମାଣ ସ୍ଥଳୀକୁ ସାମଗ୍ରୀ ସବୁର ପରିବହନ ସମ୍ବନ୍ଧୀୟ ଯାତାୟାତରେ ଯାନମାନଙ୍କର ସଂଖ୍ୟାବୃଦ୍ଧି ଘଟିବ । ଯାନସବୁର ସଂଖ୍ୟାବୃଦ୍ଧି ଘଟିବା ଫଳରେ, ବିଶେଷ କରି ଭାରୀଯାନ, ଦୁର୍ଘଟଣା ଏବଂ କ୍ଷତ ବିକ୍ଷତ ହେବାର ସମ୍ଭାବ୍ୟ ସୃଷ୍ଟି ହୋଇପାରେ । ପ୍ରଭାବଟିକୁ ନିର୍ମାଣ ସମୟରେ ନକରାତ୍ମକ ଏବଂ କ୍ଷୁଦ୍ର ଏବଂ କାର୍ଯ୍ୟ ସମ୍ପାଦନ ଅବସ୍ଥାରେ ନକରାତ୍ମକ ଏବଂ ନଗଣ୍ୟ ଭାବରେ ଆକଳନ କରାଯାଇପାରେ ।

## ପରିବାରମାନଙ୍କର ଧାରଣା ଓ କ୍ଷତିପୂରଣ ପାଇଁ ଅଶା

ଭବାନିପାଟଣା ଠାରେ ଜାତୀୟ ରାଜପଥ-୨୬ କୁ ସଂଯୋଗ ପଥ ନିର୍ମାଣ ସମ୍ବନ୍ଧରେ ସମସ୍ତ ଗ୍ରାମବାସି ଭଲ ଭାବରେ ଅବଗତ ଅଛନ୍ତି ଏବଂ ସେମାନେ ଉପସ୍ଥାପନ କଲେ ଯେ ସେମାନେ କ୍ଷତିପୂରଣ , ନିଯୁକ୍ତି ସୁଯୋଗ, ଉତ୍ତମ ଗମନାଗମନ ବ୍ୟବସ୍ଥା ଓ ମାଲ ପରିବହନ ମାଧ୍ୟମରେ ପ୍ରକଳ୍ପ ଦ୍ୱାରା ଲାଭବାନ ହେବେ ।

ପ୍ରକଳ୍ପର ସୁବିଧା ସମ୍ପର୍କରେ ମତ ଦେଇଥିବା ୧୪୨ଟି ପରିବାର ମଧ୍ୟରୁ ସର୍ବାଧିକ ୫୭.୭୫% (୮୨) ଟି ପରିବାର ମତାମତ ଦେଲେ ଯେ, ଭବାନିପାଟଣାଠାରେ ନିର୍ମାଣ କରାଯାଉଥିବା ସଂଯୋଗ ପଥ ଦ୍ୱାରା ଏହି ଅଞ୍ଚଳରେ ଲୋକମାନେ ଉନ୍ନତ ଗମନାଗମନର ସୁବିଧା ପାଇ ପାରିବେ ।

ସେହିପରି, ସର୍ବେକ୍ଷଣ କରାଯାଇଥିବା ପରିବାର ପ୍ରକଳ୍ପର ଅର୍ଥନୈତିକ ସୁବିଧା ବିଷୟରେ ମତବ୍ୟକ୍ତ କରିଛନ୍ତି ଓ ଏଥିରୁ ଜଣାଯାଏ ଯେ ସର୍ବେକ୍ଷଣ କରାଯାଇଥିବା ସମୁଦାୟ ୧୪୨ ଟି ପରିବାର ମଧ୍ୟରୁ (ଯେଉଁମାନେ କି ପ୍ରକଳ୍ପର ଲାଭ ସମ୍ବନ୍ଧରେ ସହମତ ହୋଇଛନ୍ତି) ୫୭.୦୪% (୮୧) ଟି ପରିବାର ବାଇପାସ ରାସ୍ତା ନିର୍ମାଣ ଦ୍ୱାରା ବାଣିଜ୍ୟ ଉନ୍ନତି ହେବ ବୋଲି ମତ ଦେଲେ ଏବଂ ୨୭.୪୬% (୩୯) ଟି ପରିବାର ସ୍ଥାନୀୟ ଅଞ୍ଚଳରେ ଆୟ ବୃଦ୍ଧି ପାଇବ ବୋଲି ମତ ଦେଲେ । ଏହା ବ୍ୟତିତ ୧୫.୪୯% (୨୨ ଟି ପରିବାର) ପରିବାର ବାଇପାସ ରାସ୍ତା ନିର୍ମାଣ ପ୍ରକଳ୍ପ ହେତୁ ସ୍ଥାନୀୟ ଅଞ୍ଚଳରେ ଜମି ମୂଲ୍ୟ ବୃଦ୍ଧି ପାଇବ ବୋଲି ମତ ଦେଲେ ।

ସମୁଦାୟ ୧୬୨ ଟି ପ୍ରଭାବିତ ପରିବାର ମଧ୍ୟରୁ ସର୍ବାଧିକ ଅର୍ଥାତ ୧୫୩ (୯୪.୪୪%) ଟି ପରିବାର ସେମାନଙ୍କ ଜମି କ୍ଷତି ନିମନ୍ତେ ଟଙ୍କା ଗ୍ରହଣ କରିବାକୁ ଇଚ୍ଛା କରୁଥିବା ବେଳେ, ୭ ଟି ପରିବାର ନିଜ ଉଦ୍ୟମରେ ପୁନଃ ଥଇଥାନ ହେବେ ବୋଲି ଆଶା କରୁଛନ୍ତି ଏବଂ ୨ ଟି ପରିବାର ପ୍ରକଳ୍ପରୁ ସହାୟତା ଆଶା କରୁଛନ୍ତି ।

ଜମି କ୍ଷତି ନିମନ୍ତେ ଆୟର ପୁନଃସ୍ଥାପନ ସହାୟତା ପାଇଁ ୧୧୫ (୭୦.୯୯%) ପରିବାର ପ୍ରକଳ୍ପରେ ନିଯୁକ୍ତି ସୁଯୋଗ ସହିତ ଜମି ବଦଳରେ କ୍ଷତି ପୂରଣ ଚାହୁଁଛନ୍ତି । ଏହା ବ୍ୟତିତ ୨୨ (୧୩.୫୮%) ପରିବାର ଚାଲୁଥିବା ସରକାରୀ ଉନ୍ନୟନ ଯୋଜନାରୁ ସୁବିଧା ଯେପରିକି ଦକ୍ଷତା ବିକାଶ ତାଲିମ, ବଜାର ସହାୟତା, ଋଣ ପାଇବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ ଏବଂ ୨୫ ଟି (୧୫.୪୩%) ପରିବାର ପ୍ରକଳ୍ପରୁ ସହାୟତା ଆଶା କରିଥିଲେ । ।

## ସୁପାରିଶ

ପ୍ରଭାବିତ ପରିବାର ସହ ଭାବ ବିନିମୟ, ଗୋଷ୍ଠୀସହ ବୈଠକ ବିଭିନ୍ନ ହିତାଧିକାରୀମାନଙ୍କ ସହ ଦଳଗତ ଆଲୋଚନା ଆଧାରରେ ପ୍ରକଳ୍ପ କାର୍ଯ୍ୟ ସମ୍ପାଦାନ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇପାରେ ।

- ପ୍ରଭାବିତ ପରିବାରର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଇପାରେ ଯାହାକି ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବ ।

- ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ନୂତନ ଭାବରେ ନିର୍ମାଣ ହେଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ପାଇଁ ପ୍ରକଳ୍ପ ଅଧିକାରୀମାନେ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ ।
- ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ଜଳବନ୍ଦି ସମସ୍ୟା ସମାଧାନ ହେବା ଆବଶ୍ୟକ ।
- ଗ୍ରାମରେ ସ୍ୱୟଂସହାୟକ ଗୋଷ୍ଠିମାନଙ୍କୁ ଆୟକାରୀ ଯୋଜନା ଯୋଗାଇ ଦେବା ଆବଶ୍ୟକ ।
- ଲୋକମାନଙ୍କୁ କେତେକ ସାଧାରଣ ସୁବିଧା ସୁଯୋଗ ଯଥା ନଳକୂପ ସ୍ଥାପନ, ରାସ୍ତା ଆଲୋକିକରଣ , କ୍ଲବ ଘର ନିର୍ମାଣ, ଭାଗବତ ଟୁଙ୍ଗି ଏବଂ ଡାକ୍ତରଖାନା ସୁବିଧା ଆଦି ଗ୍ରାମରେ ଯୋଗାଇ ଦେବା ଆବଶ୍ୟକ ।

ଯଦିଓ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର କେତେକ ବିପରିତ ପ୍ରଭାବ ରହିଛି, ଅଶା କରାଯାଏ ଜମି ଆବଶ୍ୟକ କରୁଥିବା ସଂସ୍ଥା ପ୍ରଭାବିତ ଗୋଷ୍ଠି ଉପରେ ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ।

---

True Copy

Land Acquisition Officer
KALAHANDI

# ଅଧ୍ୟାୟ – ୫

# ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)

ଗୋଟିଏ ଯୋଜନାବଦ୍ଧ ମୂଲ୍ୟାୟନ କରିଆରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ଉଭୟ ନିର୍ମାଣକାଳୀନ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କେତୋଟି ସମ୍ଭାବ୍ୟ ପ୍ରଭାବ ସମୂହର ଚିହ୍ନଟ କରିଅଛି । ଉକ୍ତ ପ୍ରଭାବ ସବୁର ଲଘୁକରଣ ଏବଂ ସୁପରିଚାଳନା ଉଦ୍ଦେଶ୍ୟରେ କେତେ ସଂଖ୍ୟକ ପଦକ୍ଷେପ ସବୁକୁ ବିକଶିତ କରାଯାଇଅଛି । ଯେଉଁ ଗୁଡିକ କି ପ୍ରଭାବ ସବୁକୁ ମୋଟାଗୋଟି ଭାବରେ ଯଥା ସମ୍ଭବ ଗ୍ରହଣୀୟ ସ୍ତର ପର୍ଯ୍ୟନ୍ତ ହ୍ରାସ କରିବାରେ ସହାୟକ ହେବ ।

*ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ.ଆଇ.ଏମ.ପି) ର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ହେଉଛି ।*

୧. ସ.ଆଇ.ଏ. ଅଧ୍ୟୟନ କାର୍ଯ୍ୟକାଳ ମଧ୍ୟରେ ବିକଶିତ କରାଯାଇଥିବା ବିଭିନ୍ନ ପରିଚାଳନା ଏବଂ ପରିଚାଳନାଗତ ପଦକ୍ଷେପ ସମୂହକୁ ଏକ ସ୍ଥାନରେ ମିଳାଇ ଦେଖିବା ଏବଂ

୨. ସମସ୍ତ ପରିଚାଳନାଗତ ଯୋଜନା ସବୁକୁ ଚିହ୍ନଟ କରିବା ପୂର୍ବରୁ ପ୍ରକଳ୍ପର ନିର୍ମାଣକାଳୀନ ତଥା କାର୍ଯ୍ୟକ୍ଷମ ହେବା ସ୍ତରରେ କାର୍ଯ୍ୟାନ୍ୱୟନ ପାଇଁ ବିକଶିତ କରାଇବା

ଉକ୍ତ ଏସ.ଆଇ.ଏମ.ପି.ର ପରିସର ଭବାନିପାଟଣା ରାସ୍ତା ସଂଯୋଗିକରଣ ପ୍ରକଳ୍ପର ଉଭୟ ନିର୍ମାଣ ପର୍ଯ୍ୟାୟ ଏବଂ କାର୍ଯ୍ୟକ୍ଷମ ହେବା ସ୍ତର ମଧ୍ୟରେ ସୀମିତ ଅଟେ । ଯାହାର କି ସକାରାତ୍ମକ କିମ୍ବା ନକାରାତ୍ମକ ସମ୍ଭାବ୍ୟ ପ୍ରଭାବ ସମୂହ ଗୋଷ୍ଠୀ ମାନଙ୍କ ଉପରେ ପଡିବାର ରହିଅଛି ଏବଂ ଯେଉଁଥିରେ କି ପ୍ରକଳ୍ପ ପରିଚାଳନା ଦଳ ଏବଂ ଠିକାଦାର ପରିଚାଳନା ଯୋଜନା ସବୁର ବିଷଦ୍ ଭାବରେ ପରାମର୍ଶ ପ୍ରଦାନ କରାଯାଇଅଛି । ଉକ୍ତ ଯୋଜନା ସବୁର କାର୍ଯ୍ୟାନ୍ୱୟନର ଦାୟିତ୍ୱ ପ୍ରକଳ୍ପ ପରିଚାଳନା ଦଳ ଏବଂ ଠିକାଦାର/ଉପଠିକାଦାର ମାନଙ୍କ ଉପରେ ନ୍ୟସ୍ତ କରାଯାଇଅଛି ।

ସାରଣୀ – ୫.୧ରେ ପ୍ରକଳ୍ପର ନିର୍ମାଣ ପର୍ଯ୍ୟାୟ ଏବଂ କାର୍ଯ୍ୟକ୍ଷମ ହେବା ସ୍ତରୀୟ ପର୍ଯ୍ୟାୟ ମାନଙ୍କରେ ଚିହ୍ନିତ ହୋଇଥିବା ଲଘୁକରଣ ସମ୍ପର୍କୀୟ ପଦକ୍ଷେପ ସମୂହର ସାରାଂଶ ପ୍ରଦାନ କରାଯାଇଅଛି । ଏହା ମଧ୍ୟ ଲଘୁକରଣ ପଦକ୍ଷେପ ସମୂହର କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ଦାୟିତ୍ୱ ସବୁର ନିର୍ଦ୍ଧାରଣ କରେ । ପ୍ରକଳ୍ପ କର୍ମକର୍ତ୍ତା ସମୂହ, ଏସ.ଆଇ.ଏମ.ପି.ରେ ଦର୍ଶାଯାଇଥିବା ଲଘୁକରଣ ପଦକ୍ଷେପ ସମୂହର ଯଥୋଚିତ କାର୍ଯ୍ୟାନ୍ୱୟନ ପାଇଁ ଦାୟୀ ରହିବେ ।

ସାମାଜିକ ପ୍ରଭାବ ସବୁକୁ ଚିହ୍ନଟ କରି, ସାମାଜିକ ପ୍ରଭାବ ପ୍ରଶମନ ଓ ପରିଚାଳନା ଯୋଜନା (ଏସ.ଆଇ.ଏମ.ପି.) କୁ ପ୍ରୟୋଗ କରିବାକୁ ହେବ, ଯେଉଁ ଗୁଡିକରେ କି ପ୍ରଭାବ ସବୁର ପ୍ରଶମନ ଏବଂ ତଜ୍ଜନିତ ବିପଦର ଆଶଙ୍କା ଗୁଡିକ (ନିମ୍ନ, ମାଧ୍ୟମ, ଉଚ୍ଚ ଧରଣର) ଏବଂ ସେହି ଆଶଙ୍କା ଗୁଡିକର ପରିଚାଳନା ପାଇଁ କୌଶଳ ସବୁର ନିର୍ଦ୍ଧାରଣ

କରିବାକୁ ହେବ । ଏହା ପ୍ରକଳ୍ପ ପ୍ରସ୍ତାବକଙ୍କୁ ନିଶ୍ଚିତ ହେବାକୁ ପଡିବ ଯେ, ପ୍ରକଳ୍ପ ପ୍ରଭାବିତ ପରିବାର, ଗୋଷ୍ଠୀ ସମୂହ ଏବଂ କଳାହାଣ୍ଡି ଜିଲ୍ଲାର କଳାହାଣ୍ଡି ତହସିଲର ୪ ଟି ଗ୍ରାମ ଉପରେ ପଡିବାକୁ ଥିବା ପ୍ରଭାବଗୁଡିକର ପ୍ରଶମନ ଓ ପରିଚାଳନା । ଗତ କୌଶଳଗୁଡିକ ସମାନ୍ତରାଳ ଭାବରେ ଅନୁସରଣ କରାଯାଉଅଛି ଏବଂ ଗୋଷ୍ଠୀମାନଙ୍କ ପାଇଁ ଭିତ୍ତିଭୂମି ସବୁର ବ୍ୟବସ୍ଥା ପାଇଁ କାର୍ଯ୍ୟକାରୀ କରାଯିବ । ଉକ୍ତ ଅଧ୍ୟାୟଟିରେ ଦର୍ଶିତ କୌଶଳ ସମୂହ ବିଶେଷ କରି ଜନସାଧାରଣଙ୍କ ସହିତ ବିଚାର ବିମର୍ଶ ଏବଂ ପ୍ରମୁଖ ଅଂଶୀଦାର ମାନଙ୍କ ସହିତ ଆଲୋଚନା ମାନଙ୍କର ନିଷ୍କର୍ଷରୁ ସଂଗୃହୀତ କରାଯାଇଛି । ଲଘୁକରଣ ଏବଂ ପରିଚାଳନାଗତ କୌଶଳ ସମୂହ ମଧ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନକାଳୀନ କ୍ରମବର୍ଦ୍ଧନଶୀଳ ସମସ୍ୟା ସବୁର ସମୟାନୁଯାୟୀ ଉପଯୁକ୍ତ ସ୍ଥଳେ ସମାଧାନ କରିବ ।

### ୫.୧ ଏସ.ଆଇ.ଏମ.ପି କାର୍ଯ୍ୟାନ୍ୱୟନ ପାଇଁ ପରିବ୍ୟୟ –

ଅଧ୍ୟାୟ – ୧ ରେ ୨୦୧୩ ଅଧୀନିୟମର ପୃଷ୍ଠଭୂମି ଅନୁଯାୟୀ ଏବଂ ନୀତିନିୟମ ସବୁର ଆଲୋଚନାପୂର୍ବକ ନ୍ୟାୟସଙ୍ଗତ ଛାଞ୍ଚର ଉପସ୍ଥାପନା କରାଯାଇଛି । ପୁନର୍ବାସ ଏବଂ ଥଇଥାନ ପ୍ରକ୍ରିୟା ଏବଂ ସୂତ୍ର ସମୂହ ମଧ୍ୟ ଦର୍ଶାଇ ଦିଆଯାଇଛି । ପ୍ରତ୍ୟେକ ପ୍ରକଳ୍ପ ପ୍ରଭାବିତ ପରିବାର ଭିତ୍ତିରେ ନ୍ୟାୟସଙ୍ଗତ ପ୍ରାପ୍ୟ ସମୂହ ଉକ୍ତ ବିବରଣୀ ସହିତ ସଂଯୁକ୍ତ ପୃଷ୍ଠା – ୩ ରେ ଦର୍ଶାଯାଇଅଛି । ସେ ଯାହା ହେଉ, ଜମି ଅଧିଗ୍ରହଣ ଏବଂ ଗଠନ ସମୂହ ପାଇଁ ଚୂଡାନ୍ତ କ୍ଷତିପୂରଣ ରାଶି କାର୍ଯ୍ୟଦକ୍ଷ କର୍ମକର୍ତ୍ତାମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯିବ । ପ୍ରକଳ୍ପର ନିର୍ମାଣପର୍ଯ୍ୟାୟ ଏବଂ କାର୍ଯ୍ୟକ୍ଷମ ହେବା ସ୍ତର ପାଇଁ ଚିହ୍ନଟ ହୋଇଥିବା ଲଘୁକରଣ ପଦକ୍ଷେପ ସବୁର ସାରାଂଶ ସାରଣୀ –୫.୧ରେ ଦର୍ଶାଯାଇଅଛି । ଏହା ମଧ୍ୟ ଲଘୁକରଣ ପଦକ୍ଷେପ ସବୁର କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ଦାୟିତ୍ୱ ସବୁର ଚିହ୍ନଟ କରେ । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପ୍ରକଳ୍ପର କାର୍ଯ୍ୟକାଳ ମଧ୍ୟରେ ଏସ.ଆଇ.ଏମ୍.ପି.ରେ ଦର୍ଶିତ ଲଘୁକରଣ ପଦକ୍ଷେପ ସବୁର କାର୍ଯ୍ୟାନ୍ୱୟନର ସୁନିଶ୍ଚିତତା ପାଇଁ ଦାୟୀ ରହିବେ ।

**ସାରଣୀ –୫.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା**

| କ୍ର.ସଂ | ପ୍ରକଳ୍ପ ପ୍ରଭାବର ଦିଗ | ପ୍ରକଳ୍ପ କାର୍ଯ୍ୟକ୍ରମ | ସମ୍ଭାବ୍ୟ ପ୍ରଭାବ ସମୂହ | ପ୍ରସ୍ତାବିତ ଲଘୁକରଣ/ବୃଦ୍ଧିକରଣ ପଦକ୍ଷେପ ସମୂହ | ଦାୟିତ୍ୱ | ତଦାରଖର ଦାୟିତ୍ୱ |
|---|---|---|---|---|---|---|
| ୧ | ନିଯୁକ୍ତି ଏବଂ ଅର୍ଥନୀତି | ନିର୍ମାଣ କାର୍ଯ୍ୟକଳାପ ସମୟରେ | ନିଯୁକ୍ତି ସୁଯୋଗ ସମୂହ ଏବଂ ସ୍ଥାନୀୟ ବ୍ୟବସାୟ ପାଇଁ ସୁଯୋଗ ସମୂହ | ଗୋଟିଏ ସ୍ଥାନୀୟ ଆଧାର ଭିତ୍ତିକ ଯୋଜନାର ବିକାଶ ଏବଂ କାର୍ଯ୍ୟାନ୍ୱୟନ । ଏହାର ଅଂଶ ବିଶେଷ ଭାବରେ ଗୋଟିଏ ସ୍ଥାନୀୟ ନିଯୁକ୍ତି ଏବଂ ସଂଗ୍ରହ ଜନିତ ପରିଚାଳନା ଯୋଜନା ନିର୍ଦ୍ଧାରଣ କରିବାକୁ ପଡିବ । ଯୋଜନାର ବିକାସ କରିବାରେ ଯୁକ୍ତିଯୁକ୍ତ ଅଂଶୀଦାର ମାନଙ୍କ ସହିତ ସରକାରୀ କର୍ମକର୍ତ୍ତା ଏବଂ ସ୍ଥାନୀୟ ଗ୍ରାମବାସୀମାନଙ୍କ ସହିତ ବିଚାର ଆଲୋଚନା ସବୁ ଅନ୍ତର୍ଭୁକ୍ତ ହେବା ଉଚିତ । ନିଯୁକ୍ତି ସମ୍ବନ୍ଧୀୟ କୌଶଳ ଏବଂ ଏପରି | ନିଯୋଜିତ ଠିକାଦାର | କ୍ଷେତ୍ରସ୍ତରୀୟ ପ୍ରକଳ୍ପ ପରିଚାଳନା ଦଳ । ରାସ୍ତା ଓ ଗୃହ ନିର୍ମାଣ ବିଭାଗ |

| | | | | | | |
|---|---|---|---|---|---|---|
| | | | | ଭାବରେ ବିକଶିତ ହେବା ଉଚିତ, ଯେପରିକି ଯେତେଦୂର ସମ୍ଭବ ସ୍ଥାନୀୟ ନିଯୁକ୍ତିର ସ୍ତର ସର୍ବାଧିକ ରହିବ ।<br>• ଗୋଟିଏ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା ସୁଯୋଗ ସବୁର ଏପରି ସ୍ଥାପନ କରାଯିବା ଉଚିତ ଯେପରିକି ସ୍ଥାନୀୟ ତାଲିମ ପାଇଁ ଆଗ୍ରହୀ ଗ୍ରାମବାସୀମାନେ ସେମାନଙ୍କର କାର୍ଯ୍ୟ ସବୁର ଅଂଶଦାନ ପ୍ରକଳ୍ପ ଉଦ୍ଦେଶ୍ୟରେ ରହିବ ।<br>• ସମୟାନୁଯାୟୀ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ନିଯୁକ୍ତି ସୁଯୋଗ ସମ୍ପର୍କୀୟ ସୂଚନା ପ୍ରଦାନ କରାଯିବା ଆବଶ୍ୟକ । ସେହିପରି ସମୟାନୁଯାୟୀ ସ୍ଥାନୀୟ ବ୍ୟବସାୟ ଯେଉଁଠାରେ କି ଠିକାଦାରୀର ସୁଯୋଗ ଥିବ, ସେମାନଙ୍କୁ ତତ୍ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯିବା ଉଚିତ୍ । ନିଶ୍ଚିତ ହେବା ଉଚିତ ଯେ ଏହି ପ୍ରକ୍ରିୟା ସବୁ ସାଂସ୍କୃତିକ ସ୍ତରରେ ଯଥାଯଥ ଭାବରେ ସଂପାଦିତ ହୋଇଅଛି ।<br>• ଶ୍ରମିକମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ଏବଂ ସେମାନାଙ୍କ କାର୍ଯ୍ୟକଳାପର ତଦାରଖ ପାଇଁ ଗୋଟିଏ ଆଭ୍ୟନ୍ତରୀଣ ଶ୍ରମବିକାଶ ମାନଦଣ୍ଡ ତିଆରି କରିବା ଉଚିତ ଏବଂ ତାହା ଶ୍ରମଯୋଗାଣ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରାଯାଇପାରେ । | | |
| ୨ | ଜମି ଏବଂ ଜମି ଭିତ୍ତିକ ଜୀବିକା ନିର୍ବାହ | ଜମି ଅଧିଗ୍ରହଣ | ଆୟ ସୃଷ୍ଟିକାରୀ ସମ୍ପଦ ସବୁର କ୍ଷତି | • ଅଧୀଗ୍ରହୀତ ଜମି ମାନଙ୍କର ସ୍ୱଚ୍ଛ ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ<br>• କ୍ଷତିପୂରଣର ତ୍ୱରିତ ପ୍ରଦାନ<br>• ଅଧୀଗ୍ରହୀତ ହୋଇଥିବା ଜମି ମାନଙ୍କରୁ ବଳକା ରହି ଯାଇଥିବା ଅଂଶକୁ ପୁନଃ କୃଷି ଉପଯୋଗୀ କରାଯିବା ଉଦ୍ଦେଶ୍ୟରେ ତାହା ଉପରେ ଗଦା ହୋଇଥିବା ମାଟି, ବର୍ଜ୍ୟବସ୍ତୁ, ଏବଂ ବିଭିନ୍ନ ପଥର ଖଣ୍ଡକୁ ବାହାର କରିବା ଆବଶ୍ୟକ ।<br>• କୃଷକ ମାନଙ୍କୁ ଉଚ୍ଚ ମୂଲ୍ୟଯୁକ୍ତ ଶସ୍ୟ ଉତ୍ପନ୍ନ କରିବା ଏବଂ ସେମାନଙ୍କର ଆୟ ସ୍ତରରେ ବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ଉତ୍ପାଦିକତା ହାରବୃଦ୍ଧି ସମ୍ପର୍କୀୟ କୌଶଳ ସବୁ ବିଷୟରେ ତାଲିମ ପ୍ରଦାନ କରାଯିବା ଉଚିତ । | ରାସ୍ତା ଓ ଗୃହ ନିର୍ମାଣ ବିଭାଗର ପ୍ରକଳ୍ପ ପରିଚାଳନା ଦଳ ଏବଂ ଜିଲ୍ଲା କୃଷି ବିଭାଗ | ଓଡ଼ିଶା ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ |